# ମାନଗୋବିନ୍ଦଙ୍କ ମହାନ୍ତା

# ସାରଳା ଦାସ



- **କବି ପରିଚୟ : -** ସାରଳା ଦାସ ପଞ୍ଚଦଶ ଶତାବ୍ଦୀରେ ଜଗତସିଂହପୁର ଜିଲ୍ଲାର ଜଙ୍ଗରପୁର (ଆଧୁନିକ ଝଙ୍କଡ଼) ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ସୂର୍ଯ୍ୟବଂଶ ରାଜା ଗଜପତି କପିଳେନ୍ଦ୍ର ଦେବଙ୍କ ସମସାମୟିକ ଥିଲେ । ତାଙ୍କର ପିତୃଦତ୍ତ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା, ସାରଳା ଠାକୁରାଣୀଙ୍କ ଆରଧନା କରି କାବ୍ୟ ରଚନା ପାଇଁ ଶକ୍ତି ପାଇଥିବାରୁ ସେ ନିଜକୁ ସାରଳା ଦାସ ରୂପେ ପରିଚୟ କରାଇଛନ୍ତି । ବ୍ୟାସଦେବ ସଂସ୍କୃତ ଭାଷାରେ ମହାଭାରତ ଲେଖିବାପରି ସାରଳା ଦାସ ଓଡ଼ିଆରେ ମହାଭାରତ ଲେଖିଥିବାରୁ ତାଙ୍କୁ ଉତ୍କଳବ୍ୟାସ କୁହାଯାଏ । ତାଙ୍କର ସମସ୍ତ ରଚନାରେ ଓଡ଼ିଶାର ମାଟି, ପାଣି, ପବନ, ପ୍ରକୃତି ଓ ମଣିଷ ଜୀବନର ବାସ୍ତବ ଗାଥା କଳାତ୍ମକ ଭାବରେ ରୂପ ପାଇଥିବାରୁ ତାଙ୍କୁ ମାଟିର ମହାକବି କୁହାଯାଏ । ଓଡ଼ିଆ ଭାଷାରେ ପ୍ରଥମେ ସାହିତ୍ୟ ସୃଷ୍ଟି କରିଥିବାରୁ ସେ ଶୂଦ୍ରମୁନି ଓ ଆଦିକବି ଭାବରେ ପରିଚିତ । ଚଣ୍ଡି ପୁରାଣ, ବିଚିତ୍ର ରାମାୟଣ, ଲକ୍ଷ୍ମୀନାରାୟଣୀ ବଚନିକା ଇତ୍ୟାଦି ତାଙ୍କର ଅମଳିନ ସାହିତ୍ୟ କୃତି ।

# ପାଠ୍ୟ ସୂଚନା

‘ ମାନଗୋବିନ୍ଦଙ୍କ ମହାନତା’ କବିତାଂଶଟି ସାରଳା ଦାସଙ୍କ ରଚିତ ଓଡ଼ିଆ ମହାଭାରତର ‘କାଇଂଶିକା’ ପର୍ବରୁ ଆନୀତ । ଏଥିରେ ମହାମାନୀ ଦୁର୍ଯ୍ୟୋଧନଙ୍କର ମନର ବ୍ୟାକୁଳତା, ପିତୃ ହୃଦୟର ପରିଚୟ, ବଂଶ ରକ୍ଷା ପାଇଁ ଆକୁଳତା, ପାଣ୍ଡବଙ୍କର ଶିଶୁ ପୁତ୍ର ମାନଙ୍କ ମୃତ୍ୟୁ ପାଇଁ ଗୁରୁପୁତ୍ର ଅଶ୍ୱତ୍‌ଥାମାଙ୍କୁ ତିରସ୍କାର ଓ ପଶ୍ଚାତାପ ଇତ୍ୟାଦି ଚାରିତ୍ରିକ ମହାନତା ପ୍ରତିପାଦିତ ହୋଇଛି ।

କୌରବ ଓ ପାଣ୍ଡବ ମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଶେଷରେ ମହାଭାରତ ଯୁଦ୍ଧର ରୂପ ନେଇଥିଲା । ଏଥିରେ କୌରବ ମାନଙ୍କର ବିନାଶ ହୋଇଥିଲା । ପାଣ୍ଡବ ମାନେ ଧର୍ମ ପଥ ଅନୁସରଣ କରି ବିଜୟ ଲାଭ କରିଥିଲେ । କିନ୍ତୁ ସେମାନଙ୍କର ପାଞ୍ଚଗୋଟି ଶିଶୁ ପୁତ୍ରଙ୍କର ଅଶ୍ୱତ୍‌ଥାମା ହତ୍ୟା କରିବା ଘଟଣାଟି ଦୁର୍ଯ୍ୟୋଧନଙ୍କୁ ବିଶେଷ ଆଘାତ ଦେଇଥିଲା । ପାଣ୍ଡବ ପାଞ୍ଚଜଣଙ୍କ ମୃତ୍ୟୁ ତାଙ୍କୁ ଯେତିକି ଆନନ୍ଦ ଦେଇଥାନ୍ତା, ସେମାନଙ୍କର ଶିଶୁ ପୁତ୍ରଙ୍କର ମୃତ୍ୟୁ ତାଙ୍କୁ ତା’ଠାରୁ ଅଧିକ ଦୁଃଖ ଦେଇଛି । ତାଙ୍କର ପିତୃତ୍ୱ କାନ୍ଦି ଉଠିଛି । ନିଷ୍ପାପ ଶିଶୁଙ୍କୁ ବିନାଶ କରିଥିବାରୁ ସେ ଅଶ୍ୱତ୍‌ଥାମାଙ୍କୁ ତିରସ୍କାର କରିଛନ୍ତି । ଶିଶୁ ପୁତ୍ର ମାନଙ୍କର ପାଞ୍ଚଗୋଟି କଟା ମୁଣ୍ଡକୁ କୋଳରେ ଧରି ସେ ପ୍ରାଣ ବିସର୍ଜନ କରିଛନ୍ତି ।

ଦୃଦକ୍ଷ ବୋଇଲା ସ୍ୱାମୀ ଶୁଣିମା ଦଣ୍ଡଧାରୀ
ଅଶସ୍ଥମା ପାଣ୍ଡବଂକ ମୁଣ୍ଡଛେଦି ଆଣଇ ଭାର କରି ।
ନୟନ ଫେଡ଼ି ରାଜା ଚାହିଁଲା ମାନଗୋବିନ୍ଦ
ପାଣ୍ଡବନ୍ତ ପ୍ରାୟେ ବୁଝି ମନେଣ ସାନନ୍ଦ ।
ସାଧୁ ସାଧୁ ଅଶସ୍ଥମା ବୋଲି ମାନଗୋବିନ୍ଦ ପ୍ରଶଂସି
ତୋତେ ସେନାପତି ନ କରି ଅଗାଦ ସମୋଦ୍ରେ ଗଲି ଭାସି ।
ହରାଇ କରି ପଛେ ଶିଖିଲି ମୁଂ ବୁଦ୍ଧି
ପାଦେଣ ଟାଳିଲି ମୁଂ ଯେଡ଼େକ ସଂପ୍ରଧି ।



Scanned by CamScanner

# ଦଣ୍ଡଧାରୀ



- ଶବ୍ଦାର୍ଥ : -
- ଭାର – ବହନ କରି
- ମାନଗୋବିନ୍ଦ - ଦୁର୍ଯ୍ୟୋଧନ
- ଫେଡ଼ି – ଖୋଲି
- ପାଣ୍ଡବନ୍ତ - ପାଣ୍ଡବମାନଙ୍କ
- ସମୋଦ୍ରେ – ସମୁଦ୍ରରେ
- ସଂପ୍ରଧି = ସମ୍ପତ୍ତି

କବିତାର ବ୍ୟାଖ୍ୟା- ପ୍ରତି ମୁହୂର୍ତ୍ତରେ ପାଣ୍ଡବ ମାନଙ୍କର ବିନାଶ କାମନା କରୁଥିବା ଦୁର୍ଯ୍ୟୋଧନଙ୍କୁ ସାନ ଭାଇ ଦୁର୍ଦ୍ଧକ୍ଷ ଜଣାଇ ଦେଲେ ଯେ, ଅଶ୍ୱତ୍‌ଥାମା ପାଣ୍ଡବ ମାନଙ୍କର ମୁଣ୍ଡ କାଟି ଭାର କରି ଆଣିଛନ୍ତି । ଦୁର୍ଯ୍ୟୋଧନ ଖୁବ୍ ଆନନ୍ଦ ହୋଇ ଉଠିଲେ । ଆଖି ଖୋଲି ସେ ଅଶ୍ୱତ୍‌ଥାମାଙ୍କୁ ପ୍ରଶଂସା କରିବାକୁ ଲାଗିଲେ । ମହାଭାରତ ଯୁଦ୍ଧରେ ତାଙ୍କୁ ସେନାପତି କରିନଥିବାରୁ ସେ ଅନୁତାପ କଲେ । ସବୁ ହରାଇ ସାରିବା ପରେ ନିଜର ଏଭଳି ବୁଦ୍ଧି ଜାତ ହୋଇଥିବାରୁ ସେ ଅନୁତପ୍ତ ହୋଇଥିଲେ । ପାଣ୍ଡବ ମାନଙ୍କ ମୃତ୍ୟୁ ତାଙ୍କୁ ଉତ୍‌ଫୁଲ୍ଲିତ କରିଥିଲା ।

- **ବ୍ୟାକରଣ –**
- **ସମାସ** - ଦଣ୍ଡଧାରୀ - ଦଣ୍ଡକୁ ଧାରଣ କରିଛି ଯେ - ଉପପଦ ତତପୁରୁଷ
- ସାନନ୍ଦ - ଆନନ୍ଦ ସହ ବର୍ତ୍ତମାନ - ସହାର୍ଥ ବହୁବ୍ରୀହି
- ଅଗାଧ - ନଗାଧ - ନଞ୍ ତତ୍ପୁରୁଷ
- **କୃଦନ୍ତ** - ନୟନ - ନୀ + ଅନ, ବୁଦ୍ଧି – ବୁଧ୍ + ତି
- **ସନ୍ଧି** - ନୟନ - ନେ + ଅନ
- ସଂପ୍ରଧି – ସମ୍ + ପ୍ରଧି
- ପାଣ୍ଡବନ୍ତ - ପାଣ୍ଡବ + ଅନ୍ତ

# କାର୍ଯ୍ୟପତ୍ର

୧) ପ୍ରତିଶବ୍ଦ ଲେଖ – ନୟନ, ପାଦ, ରାଜ. ମୁଣ୍ଡ, ସମୁଦ୍ର

୨) ବିପରୀତ ଶବ୍ଦ ଲେଖ – ସାଧୁ, ସାନନ୍ଦ, ପ୍ରଶଂସା

୩) ଗୋଟିଏ ବାକ୍ୟରେ ଉତ୍ତର ଲେଖ –

କ) ସାରଳା ଦାସଙ୍କୁ ଉତ୍କଳବ୍ୟାସ କାହିଁକି କୁହାଯାଏ ?

ଖ) ତାଙ୍କ ସମୟରେ ଉତ୍କଳରେ କିଏ ଗଜପତି ଥିଲେ ?

ଗ) ପଠିତ କବିତାଟି କେଉଁଥିରୁ ସଂଗୃହୀତ ?

ଘ) ମାନଗୋବିନ୍ଦ କିଏ ?

ବାଳୁତ କାଳହୁଁ ଯାହାକୁ ପାଇଲଇଁ ସାଖି
ଚିହ୍ନି ନୁଆରିଲି ମୁଁ ତାକୁ ହୋଇଲି ନିରିମାଖି ।
ଅନେକ ଉତସଲ୍ୟ ଦେଖିଣ ଧୃତିରାଷ୍ଟି
ଛାମୁରେ ନେଇ ପକାଇଲା ପାଞ୍ଚଂକରି ମୁଣ୍ଡଗୋଟି ।
ବୋଲଇ ଅଶସ୍ତମା ଶୁଣ ହୋ ଦ୍ରିଯୋଧନ
ପିତାର ଶତ୍ରୁ ଯେତି ଧୃଷ୍ଟ ଯେ ଦ୍ୟୁମନ ।
ଦେଖିଣ ସାନନ୍ଦ ହୋଇଲେ ଦ୍ରିଯୋଧନ ରାୟେ
ବୋଇଲେ ବେଗେ ଦଣ୍ଡଛତ୍ର ଧର ତୁ ରାଜାୟେ ।
ଦେଖିଣ ବୋଇଲା ଚିହ୍ନି ଯେ କୁମାର ଦୃଦକ୍ଷ
ପାଣ୍ଡବେ ନୋହନ୍ତି ଯେ ଦ୍ରୋପତୀ ପାଞ୍ଚବସ୍ତ ।

Scanned by CamScanner

- **ଶବ୍ଦାର୍ଥ : -**
- ଚିହ୍ନିନୁଆରିଲି – ଚିହ୍ନି ନ ପାରିଲି
- ନିରିମାଖି - ଅସହାୟ
- ଉତସଲ୍ୟ – ଉଲ୍ଲାସ
- ଛାମୁରେ – ସମ୍ମୁଖରେ
- ଧୃଷ୍ଟଦ୍ୟୁମନ - ରାଜା ଦ୍ରୁପଦଙ୍କ ପୁତ୍ର
- ଧୃତରାଷ୍ଟ୍ରି - ଧୃତରାଷ୍ଟ୍ରଙ୍କ ପୁତ୍ର
- ରାୟେ – ରାଜା
- ଦଣ୍ଡଛତ୍ର – ଶାସନଭାର

# କବିତାର ବାଖ୍ୟା

- ଦୁର୍ଯ୍ୟୋଧନଙ୍କ ପ୍ରଶଂସାରେ ଆତ୍ମହରା ଅଶ୍ୱତ୍‌ଥାମା ପ୍ରଥମେ ନିଜ ପିତା ଦ୍ରୋଣାଚାର୍ଯ୍ୟଙ୍କର ଶତ୍ରୁ ତଥା ରାଜା ଦ୍ରୁପଦଙ୍କ ପୁତ୍ର ଓ ଦ୍ରୌପଦୀଙ୍କ ଭାଇ ଧୃଷ୍ଟଦ୍ୟୁମ୍ନଙ୍କ କଟା ମୁଣ୍ଡକୁ ଦୁର୍ଯ୍ୟୋଧନଙ୍କ ସମ୍ମୁଖରେ ରଖିଲା । ଯା'ଫଳରେ ଦୁର୍ଯ୍ୟୋଧନ ଭାରି ଖୁସି ହୋଇ ତାଙ୍କୁ ରାଜ୍ୟର ଶାସନ ଭାର ଗ୍ରହଣ କରିବା ପାଇଁ ଅନୁରୋଧ କରିଲେ । କିନ୍ତୁ ପରେ ପାଞ୍ଚଗୋଟି କଟାମୁଣ୍ଡ ପାଣ୍ଡବ ମାନଙ୍କର ନଥିଲା । ସେଗୁଡ଼ିକ ଦୌପଦୀଙ୍କର ପାଞ୍ଚଟି ଶିଶୁ ପୁତ୍ରଙ୍କର ବୋଲି ଦୁର୍ଯ୍ୟୋଧନ ଚିହ୍ନି ପାରିଥିଲେ ।

- **ବ୍ୟାକରଣ**
- **ସମାସ** – ସାନନ୍ଦ - ଆନନ୍ଦ ସହ ବର୍ତ୍ତମାନ - ସହାର୍ଥ ବହୁବ୍ରୀହି
- ଦଣ୍ଡଛତ୍ର - ଦଣ୍ଡ ଓ ଛତ୍ର - ଦ୍ୱନ୍ଦ୍ୱ ସମାସ
- ପାଞ୍ଚବସ୍ତ୍ର - ପାଞ୍ଚଟି ବସ୍ତ୍ରଙ୍କର ସମାହାର - ଦ୍ୱିଗୁ ସମାସ
- **ତଦ୍ଧିତ** - ପାଣ୍ଡବ - ପଣ୍ଡୁ + ଅ,
- ଦ୍ରୌପଦୀ - ଦୃପଦ + ଇ
- ଧୃତରାଷ୍ଟ୍ରି - ଧୃତରାଷ୍ଟ୍ର + ଇ

# କାର୍ଯ୍ୟପତ୍ର

୧ ) ଭିନ୍ନାର୍ଥ ବୋଧକ ଶବ୍ଦ ଲେଖ –

ସାଖି, ଛାମୁ, ପିତା

୨ ) ପ୍ରତିଶବ୍ଦ ଲେଖ – ଶତ୍ରୁ, ପିତା, କୁମାର

୩) ଗୋଟିଏ ବାକ୍ୟରେ ଉତ୍ତର ଦିଅ -

କ) ଦ୍ରୌପଦୀ କିଏ ?

ଖ) ଧୃଷ୍ଟଦ୍ୟୁମ୍ନ କିଏ ? ସେ କାହାର ଶତ୍ରୁ ଥିଲେ ?

ଗ) ଦୁର୍ଦ୍ଦକ୍ଷ କିଏ ?

ଘ) ଅଶ୍ୱତ୍‌ଥାମାଙ୍କ ପରିଚୟ କ'ଣ ?

ରଜନୀ ପ୍ରଭାତରେ ଦେଖିଲା ଧୃତିରାଷ୍ଟି
ପାଞ୍ଚାଳୀ କୁମରଂକର ଶିର ପାଞ୍ଚଗୋଟି ।
ମୂର୍ଚ୍ଛାଗତ ହୋଇଲା ଦେଖି ମାନଗୋବିନ୍ଦ
ହା ହା ଦଇବ ବୋଲି କପୋଳେ କରଧିନ୍ଦ ।
ଆହୋ ଅଶସ୍ତମା ଆଦିହୁଂ ଅଟୁ ନଷ୍ଟ
ତୋହୋର ପ୍ରକୃତି ଜାଣି ମୁଂ ନ ବାନ୍ଧିଲି ମୁକୁଟ ।
ସମର ଶେଷକାଳେ ମୋତେ ଯେ କଲୁ ଯେହା
ବାଳୁତ ବଧ ଦୋଷେ କଲୁ ରେ ପାମର ଦୋରେହା ।
ଅଭିମନ୍ୟୁ ମଲା ଘଟଉତ୍କଚ ନାଶଗଲା
ଲକ୍ଷ୍ମଣକୁମାରହିଂ ପଡ଼ିଲା ବଂଶହିଂ ସରିଲା ।
ଯେହାନ୍ତ ରଖିଲି ମୁଂ ବଂଶରକ୍ଷାର ନିମନ୍ତେ
ଗତ ଆଗତ ବୁଡ଼ିଲା ଯେ ତୋହୋର କୃତ୍ୟେ ।
ଭୋ ଦଇବ ସନ୍ତାନ କଳପତରୁଂ ଯେ ବୋଲ ବୋଲି
ଅଶସ୍ତମା ପ୍ରସନ୍ନେ ଗତ ଆଗତ ଦୁଇକୁଳ ବୁଡ଼ାଇଲି ।
ତୋହୋର ମୁଖ ପୁଣ ମୁଂ ନ ଚାହିଂ ରେ ଦୋରେହା
ବଂଶ ନିଅଂଶ କଲୁରେ ମୋହୋର ମୁଖ ତୁ ନ ଚାହାଂ ।
ପଞ୍ଚଭୂତ ଆତ୍ମା କିମ୍ପେ ଅଛି ହୋ ନିର୍ଲଜ
ଯେ ପଞ୍ଚ ପୁଅଂକ ଅବସ୍ଥା ଦେଖି କିମ୍ପେ ନୁହଇ ଦହିଜ ।

Scanned by CamScanner

ଶବ୍ଦାର୍ଥ

ମୂର୍ଚ୍ଛାଗତ – ମୂର୍ଚ୍ଛାଯିବା

କପୋଳେ – କପାଳରେ

ପ୍ରକୃତି – ସ୍ୱଭାବ

ପାମର - ପାପୀ

କରଧ୍ୱନ୍ଦ - କର (ହାତ) ପିଟିବା

ଆଦିହୁଁ - ଆରମ୍ଭରୁ

ଦୋରେହା – ଦ୍ରୋହୀ

ଅଭିମନ୍ୟୁ – ତୃତୀୟ ପାଣ୍ଡବ ଅର୍ଜୁନଙ୍କ ପୁତ୍ର

ଘଟତ୍କୋଚ - ଦ୍ୱିତୀୟ ପାଣ୍ଡବ ଭୀମଙ୍କ ପୁତ୍ର

ଲକ୍ଷ୍ମଣ କୁମାର - ଦୁର୍ଯ୍ୟୋଧନଙ୍କ ପୁତ୍ର

ୟେହାନ୍ତ - ଏମାନଙ୍କୁ

ଗତ - ଅତୀତ

ଆଗତ – ଭବିଷ୍ୟତ

ପଞ୍ଚଭୂତ – କ୍ଷିତ୍, ଅପ୍, ତେଜ, ବ୍ୟୋମ, ମରୁତ (ପୃଥିବୀ, ଆକାଶ, ବାୟୁ, ଜଳ, ଅଗ୍ନି)

ନିର୍ଲଜ – ଲଜ୍ଜାହୀନ

ଦହିଜ – ପୋଡ଼ିଯିବା

# କବିତାର ବାଖ୍ୟା

ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କ ପଞ୍ଚ ପୁତ୍ରଙ୍କ କଟାମୁଣ୍ଡ ଦେଖି ମୂର୍ଚ୍ଛା ଗଲେ । କପାଳରେ କରମାରି ଦଇବକୁ ନିନ୍ଦାକଲେ । ଅଶ୍ୱତ୍‌ଥାମାଙ୍କୁ ବହୁତ କଟୁ କଥା କହିଲେ । ଯୁଦ୍ଧ ଶେଷ ହେଲାବେଳକୁ ଶିଶୁ ହତ୍ୟା ଦୋଷରେ ତାଙ୍କୁ ଦ୍ରୋହୀକଲେ ବୋଲି ଦୁଃଖୀ କଲେ । ତାଙ୍କ ମନରେ ବ୍ୟାକୁଳତା ଦେଖାଦେଲା । କାରଣ, ଅଭିମନ୍ୟୁ, ଘଟୋତ୍କଚ ଓ ଲକ୍ଷ୍ମଣ କୁମାରଙ୍କ ମୃତ୍ୟୁରେ ବଂଶନାଶ ହୋଇଥିଲା । ବଂଶ ରକ୍ଷାପାଇଁ ଦ୍ରୌପଦୀଙ୍କର ପଞ୍ଚପୁତ୍ର ଥିଲେ ମୂଳ ମାତ୍ର । ସେମାନଙ୍କର ମୃତ୍ୟୁରେ ବଂଶ ସମ୍ପୂର୍ଣ୍ଣ ଭାବରେ ଲୋପ ପାଇଯାଇଥିଲା । ତେଣୁ ସେ ବିବ୍ରତ ହୋଇପଡ଼ିଲେ । ଅଶ୍ୱତ୍‌ଥାମାଙ୍କର ମୁଖ ଦର୍ଶନ ନ କରିବାକୁ ସେ ଇଚ୍ଛା କଲେ । ପଞ୍ଚପୁତ୍ରଙ୍କ ମୃତ୍ୟୁ ଦେଖିବା ପରେ ମଧ୍ୟ ତାଙ୍କର ପଞ୍ଚଆତ୍ମା ଶରୀରରେ କିପରି ରହିଛି ବୋଲି ଚିନ୍ତା କରୁଥିଲେ ।

# ବ୍ୟାକରଣ

**ସମାସ** – ରଜନୀ ପ୍ରଭାତ – ରଜନୀ ଓ ପ୍ରଭାତ - ଦ୍ୱନ୍ଦ୍ୱ ସମାସ

ବଂଶ ରକ୍ଷା – ବଂଶର ରକ୍ଷା – ଷଷ୍ଠୀ ତତ୍‌ପୁରୁଷ

ଗତ ଆଗତ – ଗତ ଓ ଆଗତ - ଦ୍ୱନ୍ଦ୍ୱ ସମାସ

ନିଅଂଶ - ନାହିଁ ଅଂଶ ଯାହାର - ନିଷେଧାର୍ଥ ବହୁବ୍ରୀହି

ପଞ୍ଚଭୂତ - ପଞ୍ଚଭୂତର ସମାହାର - ଦ୍ୱିଗୁ ସମାସ

ନିର୍ଲଜ - ନାହିଁ ଲାଜ ଯାହାର - ନିଷେଧାର୍ଥ ବହୁବ୍ରୀହି

**ସନ୍ଧି** – ସନ୍ତାନ - ସମ୍ + ତାନ, ନିର୍ଲଜ - ନିଃ + ଲାଜ

# କାର୍ଯ୍ୟପତ୍ର

୧) ପ୍ରତିଶବ୍ଦ ଲେଖ – ଶିର, ସମର, ସନ୍ତାନ

୨) ଗୋଟିଏ ବାକ୍ୟରେ ଉତ୍ତର ଦିଅ –

(କ) ଘଟୋତ୍କଚଙ୍କ ପିତାଙ୍କ ନାମ କ'ଣ ?

(ଖ) ଲକ୍ଷ୍ମଣ କୁମାର କିଏ ?

(ଗ) ପଞ୍ଚଭୂତ କାହାକୁ କୁହନ୍ତି ?

(ଘ) ମାନଗୋବିନ୍ଦ କାହିଁକି ଅଧୈର୍ଯ୍ୟ ହୋଇପଡ଼ିଲେ ?

(ଙ) ଅଭିମନ୍ୟୁ କାହାର ପୁତ୍ର ଥିଲେ ?

ପାଞ୍ଚଂକରି ମୁଣ୍ଡ ଦିଅ ମୋହୋରି କୋଳାଗ୍ରତେ
କୋଳ କରି ଧରି ମୁଂ ହୋଇବି କିନା ମୁକତେ ।
ଦ୍ରିଯୋଧନ ବାକ୍ୟ ଶୁଣି ଦୃଦକ୍ଷ ସତ୍ୱର
ରାଜା କୋଳେ ଦିଲା ନେଇ ପଞ୍ଚବଚ୍ଛ ଶିର ।
ପାଞ୍ଚଂକରି ମୁଣ୍ଡ କୋଳେ ଦେଖିଣ ଧୃତିରାଷ୍ଟି
ପ୍ରାଣ ବିସର୍ଜିଲା ମୃଧୁନା ଗଲା ଫାଟି ।



Scanned by CamScanner

ଶବ୍ଦାର୍ଥ – ସତ୍ୱର – ଶୀଘ୍ର

ଦିଲା – ଦେଲା

ମୃଧୁନା – ମୂର୍ଦ୍ଧନା (ମୁଣ୍ଡ)

ବିସର୍ଜିଲା – ତ୍ୟାଗ କଲା

**ବ୍ୟାଖ୍ୟା –** ଦୁଃଖରେ ମ୍ରିୟମାଣ ଦୁର୍ଯ୍ୟୋଧନ ସେହି ପଞ୍ଚପୁତ୍ରଙ୍କର କଟା ମୁଣ୍ଡକୁ ତାଙ୍କ କୋଳକୁ ଦେବାକୁ ଦୁର୍ଦ୍ଧକ୍ଷଙ୍କୁ କହିଲେ । ଦୁର୍ଦ୍ଧକ୍ଷ ତାହା କରିବା ପରେ ଦୁର୍ଯ୍ୟୋଧନଙ୍କ ମୁର୍ଦ୍ଧନା ଫାଟିଗଲା ଓ ସେ ପ୍ରାଣ ତ୍ୟାଗ କଲେ ।

# କାର୍ଯ୍ୟପର୍ଣ୍ଣ

**୧ ) ଏକ ପଦରେ ପ୍ରକାଶ କର –**

ରାବଣଙ୍କ ପୁତ୍ର –

ପବନର ପୁତ୍ର –

ବିନତାଙ୍କ ପୁତ୍ର –

ସୁମିତ୍ରାଙ୍କ ପୁତ୍ର –

କୁନ୍ତୀଙ୍କ ପୁତ୍ର –

**୨ ) ପଠିତ କବିତା ଅବଲମ୍ବନରେ ଶୂନ୍ୟସ୍ଥାନ ପୂରଣ କର –**

କ) ପାଦେଣ ଟାଳିଲି ମୁଁ ଯେଡ଼କ .............. ।

ଖ) ପାଣ୍ଡବେ ନୋହନ୍ତି ଯେ ଦ୍ରୋପତୀ .......... ।

ଗ) ଅଭିମନ୍ୟୁ ମଲା ................ ନାଶଗଲା ।

ଘ) ........... ବିସର୍ଜିଲା ମୃଧୁନା ଗଲା ଫାଟି ।

# ସମୀକ୍ଷାୟନ

- ପାଣ୍ଡବ ମାନଙ୍କର ମୃତ୍ୟୁ ସମ୍ବାଦରେ ଦୁର୍ଯ୍ୟୋଧନ ଆନନ୍ଦିତ ହୋଇଥିଲେ ।
- ଦୁର୍ଯ୍ୟୋଧନ ଅଶ୍ୱତ୍‌ଥାମାଙ୍କୁ ପ୍ରଶଂସା କରିବା ସହ ଯୁଦ୍ଧରେ ତାଙ୍କୁ ସେନାପତି ନକରି ଥିବାରୁ ଅନୁତାପ କଲେ ।
- ଅଶ୍ୱତ୍‌ଥାମା କାଟି ଆଣିଥିବା ପାଞ୍ଚଟି ମୁଣ୍ଡ ଦ୍ରୌପଦୀଙ୍କର ପଞ୍ଚପୁତ୍ରଙ୍କର ବୋଲି ଦୁର୍ଯ୍ୟୋଧନ ଚିହ୍ନିପାରିଥିଲେ ।
- ଦ୍ରୌପଦୀ ପୁତ୍ରଙ୍କର କଟାମୁଣ୍ଡ ଦେଖି ଦୁର୍ଯ୍ୟୋଧନ ମୁର୍ଚ୍ଛାଗଲେ ।
- ଇଂଶନାସ କରିବା ସହିତ ବାଳୁତବଧ ଅପରାଧରେ ତାଙ୍କୁ ପକାଇଥିବାରୁ ଦୁର୍ଯ୍ୟୋଧନ ଅଶ୍ୱତ୍‌ଥାମାଙ୍କୁ କଟୁକଥା କହିଲେ ।
- ଅତି ଦୁଃଖରେ ଦୁର୍ଯ୍ୟୋଧନ ନିଜ କୋଳରେ ପାଞ୍ଚଗୋଟି କଟାମୁଣ୍ଡ ଦେଖି ପ୍ରାଣତ୍ୟାଗ କଲେ ।

# ପ୍ରଶ୍ନାବଳୀ

୧) ୨/୩ଟି ବାକ୍ୟରେ ଉତ୍ତର ଦିଅ –

କ) ଦୁର୍ଦ୍ଦକ୍ଷ ମାନଗୋବିନ୍ଦଙ୍କୁ କି ବାର୍ତ୍ତା ଦେଇଥିଲେ ?

ଖ) ଦୁର୍ଯ୍ୟୋଧନ ଅତ୍ୟନ୍ତ ଖୁସିହେଲେ କାହିଁକି ?

ଗ) ଅଶ୍ୱତ୍‌ଥାମାଙ୍କ ଭାର ଦେଖି ଦୁର୍ଦ୍ଦକ୍ଷ କ'ଣ କହିଲେ ?

ଘ) ଦୁର୍ଯ୍ୟୋଧନ କିପରି ପ୍ରାଣ ବିସର୍ଜନ କଲେ ?

ଙ) ସାରଳା ଦାସଙ୍କୁ **ମାଟିର ମହାକବି** କାହିଁକି କୁହାଯାଏ ?

ଚ) ପଠିତ କବିତାଟିର ଅନ୍ତଃସ୍ୱର କ'ଣ ?

୨) ସରଳାର୍ଥ ଲେଖ –

କ) ହରାଇ କରି ପଛେ ଶିଖିଲି ମୁଁ ବୁଦ୍ଧି,
ପାଦେଣ ଟାଳିଲି ମୁଁ ଯେଡ଼କ ସଂପ୍ରଧି ।

ଖ) ଯେହାନ୍ତ ରଖିଲି ମୁଁ ବଂଶ ରକ୍ଷାର ନିମନ୍ତେ,
ଗତ ଆଗତ ବୁଡ଼ିଲା ଯେ ତୋହୋର କୃତ୍ୟେ ।

ଗ) ପାଞ୍ଚକରି ମୁଣ୍ଡକୋଳେ ଦେଖିଣ ଧୃତିରାଷ୍ଟି,
ପ୍ରାଣ ବିସର୍ଜ୍ଜିଲା ମୃଧୁନା ଗଲା ଫାଟି ।

# ଧନ୍ୟବାଦ

ଉପସ୍ଥାପନା –

ସଙ୍ଗୀତା ନାୟକ

ଡ଼ି.ଏ.ଭି. ପବ୍ଲିକ୍ ସ୍କୁଲ, ବ୍ରହ୍ମପୁର (ଗଞ୍ଜାମ)